# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**13 November – 2025**

## ଏନ୍‌ଡି. କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀ ଠାରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦିଲ୍ଲୀର ଲାଲ୍‌କିଲ୍ଲାଠାରେ କାର୍ ବିସ୍ଫୋରଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି । ଏଥିସହିତ ଏହି ବିସ୍ଫୋରଣରେ ଜୀବନହାନୀ ହୋଇଥିବାରୁ ଦୁଃଖ ପ୍ରକାଶ କରାଯିବା ସହିତ ମୃତକଙ୍କ ସମ୍ମାନାର୍ଥେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଦେଶର ଏବଂ ପ୍ରତ୍ୟେକ ନାଗରିକଙ୍କର ସୁରକ୍ଷା ଦିଗରେ ସରକାର ଏହି ବୈଠକରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । କୌଣସି ପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟ ପ୍ରତି ସରକାରଙ୍କର ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରାଯାଉଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି ।

## ଦଶମ ଚଳଚ୍ଚିତ୍ର ସଂରକ୍ଷଣ କର୍ମଶାଳା

ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଓଡ଼ିଆ ଚଳଚ୍ଚିତ୍ରର ହୃତ୍ ଗୌରବ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳାଭୂମିଠାରେ ଆୟୋଜିତ ଦଶମ ଚଳଚ୍ଚିତ୍ର ସଂରକ୍ଷଣ ଓ

ପୁନଃରୁଦ୍ଧାର କର୍ମଶାଳା ୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଚଳଚ୍ଚିତ୍ର ସଂରକ୍ଷଣ ଆମ ସମସ୍ତଙ୍କ ସାଂସ୍କୃତିକ ଦାୟିତ୍ୱ । ଓଡ଼ିଆ ଚଳଚ୍ଚିତ୍ରର ପୁନଃରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବରିଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଓ୍ୱାହିଦା ରେହମାନ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ଓଡ଼ିଆ ଚଳଚ୍ଚିତ୍ରର ପ୍ରଶଂସା କରିଥିଲେ ।

## ବାଲିଯାତ୍ରା–ରାଜ୍ୟପାଳ

ବାଲିଯାତ୍ରା ସାଧବଙ୍କ ସାହସର ପ୍ରତୀକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଐତିହାସିକ ବାଲିଯାତ୍ରା କଟକରେ ଗତକାଲି ଯୋଗଦେଇ ରାଜ୍ୟପାଳ କହିଛନ୍ତି ବାଲିଯାତ୍ରା ଭାରତର ସଭ୍ୟତାର ଏକ ଅଂଶ । ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ବହନ କରେ ।

ରାଜ୍ୟ ସରକାର ବାଲିଯାତ୍ରାର ଅବଧିକକୁ ଆଉ ଗୋଟିଏ ଦିନ ବୃଦ୍ଧି କରିବା ପରେ ଆଜି ବାଲିଯାତ୍ରା ଉଦ୍‌ଯାପିତ ହେବ ।

## ହାଇକୋର୍ଟ–ଲିଖିତ ପରୀକ୍ଷା ରଦ୍ଦ

ହାଇକୋର୍ଟର ଆସିଷ୍ଟାଣ୍ଟ ସେକ୍ସନ ଅଫିସର-ଏଏସ୍‌ଓ ପଦ ପୂରଣ ପାଇଁ ଅନୁଷ୍ଠିତ ହୋଇଥିବା ମୁଖ୍ୟ ଲିଖିତ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ପରୀକ୍ଷା ପରିଚାଳନାରେ ତ୍ରୁଟି ଅଭିଯୋଗରେ ହାଇକୋର୍ଟ ରେଜିଷ୍ଟ୍ରାର ଏହି ପରୀକ୍ଷାକୁ ବାତିଲ କରିଥିବା ନେଇ ନିର୍ଦ୍ଦେଶାନାମା ଜାରି କରିଛନ୍ତି । ଆସନ୍ତା ମାସ ୭ ତାରିଖରେ ସାନି ପରୀକ୍ଷା କରାଯିବ ବୋଲି ହାଇକୋର୍ଟଙ୍କ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ଗତ ମେ’ ୪ ତାରିଖରେ ପ୍ରାଥମିକ ପରୀକ୍ଷା ଏବଂ ଜୁଲାଇ ୧୩ ତାରିଖରେ ମୁଖ୍ୟ ପରୀକ୍ଷା କରାଯାଇଥିଲା ।

## ନୂଆପଡ଼ା - ଭୋଟ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମୋଟ୍ ୧୪ଟି ଟେବୁଲ୍‌ରେ ୨୬ ରାଉଣ୍ଡ୍ ଗଣତି ହେବ । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣତି ହେବ । ଏହାର ଅଧଘଣ୍ଟା ପରେ ଇ.ଭି.ଏମ୍. ଗଣତି ହେବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତା ୧୮ ତାରିଖରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ସାଧାରଣ

ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଏ ସମ୍ପର୍କରେ ସମସ୍ତ ଆର୍‌ଡିସିଙ୍କୁ ପତ୍ର ଜାରି କରିଛନ୍ତି ।

# ସୁଭଦ୍ରା ଶକ୍ତି ମେଳା

ଭୁବନେଶ୍ୱର ଇକୋ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି

**V/O**

କାର୍ଯ୍ୟକ୍ରମରେ ମେଳାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବୈଠକ

ଓଡ଼ିଶା ବୈଦ୍ୟୁତିକ ଯାନ-ଇଭି ନୀତିରେ ପ୍ରସ୍ତାବିତ ସଂଶୋଧନ ସମ୍ପର୍କିତ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟରେ ଇଭି ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ଇଭି ନୀତି ୨.୦ର ଢ଼ାଞ୍ଚା ଗଠନ ନେଇ ଆଲୋଚନା ହୋଇଥିଲା ।

# ଶ୍ରୀଜୀଉଙ୍କ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଗୁରୁବାର ମାର୍ଗଶୀର ମାସ କୃଷ୍ଣପକ୍ଷ ନବମୀ ତିଥିରେ ମହାପ୍ରଭୁଙ୍କର ଜାମାଲାଗି ନୀତି ଆରମ୍ଭ ହେବ । ଆଜି ମଧ୍ୟ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ଗୁପ୍ତନୀତି ହେବ । ଏଥିପାଇଁ ଆଜି ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ଲାଗି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

# ରେଳ ଚଳାଚଳ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରୁ ସୁରଟ ଯାଉଥିବା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଏଣିକି ସପ୍ତାହରେ ୩ ଦିନ ଚଳାଚଳ କରିବ । ରେଳ ବୋର୍ଡର ମଞ୍ଜୁରୀ ଅନୁଯାୟୀ ଉଧାନାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଅମୃତ ଭାରତ ଏକ୍ସପ୍ରେସ୍ ରବିବାର, ବୁଧବାର ଓ ଶୁକ୍ରବାର ଦିନ ଚଳାଚଳ  କରିବ । ସେହିପରି ବ୍ରହ୍ମପୁରରୁ ଉଧାନା ପର୍ଯ୍ୟନ୍ତ ଏହି ଏକ୍ସପ୍ରେସ୍ ସୋମବାର, ଗୁରୁବାର ଓ ଶନିବାର ଦିନ ଚାଲିବ । ପୂର୍ବରୁ ଏହି ଟ୍ରେନ୍‌ଟି ସପ୍ତାହକୁ ଗୋଟିଏ ଦିନ ଚାଲୁଥିଲା । ରେଳଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରେଳବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

# ଶୀତ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ  ରାଜ୍ୟର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଛି । ଗତକାଲି ୧୪ଟି ସହରର ତାପମାତ୍ରା ୧୫ଡିଗ୍ରୀ ସେଲସିୟସ ତଳେ ରହିଥିଲା । ଦାରିଙ୍ଗିବାଡିଠାରେ ସର୍ବନିମ୍ନ ତାପମାତ୍ରା ୮ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।